**ଗ୍ରାମୀଣ କୃଷି ମୌସମ ସେବା**
**ଭାରତ ପାଣିପାଗ ବିଜ୍ଞାନ ବିଭାଗ**
**ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର, ଓଡିଶା**

ଘୁ. ଉଦୟଗିରି, ଓଡିଶା : ୦୭.୦୩.୨୦୨୪ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

---

**Sri Rahul Kumar Sahu**
**Jr. Agrometeorologist**

**ସପ୍ତାହ ସଂଖ୍ୟା- ୧୦**

**ତାରିଖ ୦୭.୦୩.୨୦୨୪**
**ବୁଲେଟିନ ନଂ.୨୦**

**ଭାରତ ପାଣିପାଗ ବିଜ୍ଞାନ ବିଭାଗ. ଭୁବନେଶ୍ୱର ଅନୁଯାୟୀ**
**ପାଣିପାଗ ପୂର୍ବାନୁମାନ (୧୨.୦୩.୨୦୨୪) ପର୍ଯ୍ୟନ୍ତ**

**ଜିଲ୍ଲା କନ୍ଧମାଳ** – ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱର ର ପୂର୍ବାନୁମାନ ଅନୁଯାୟୀ, ରାୟଗଡ଼ ଜିଲ୍ଲାରେ ଆସନ୍ତା ୯ ଓ ୧୦ ତାରିଖରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ଏହା ସହ ଆକାଶ ସାଧାରଣ ମେଘାଛାଦିତ ରହିପାରେ। ପବନର ବେଗ ୦୬-୦୭ କି.ମି. ବେଗ ମଧରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪-୩୭ ଏବଂ ୧୪-୨୦ ଡିଗ୍ରୀ ସେଲସିୟସ ରହିବ। ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଗତ ସପ୍ତାହ ଠାରୁ ଅଧିକ ରହିବ ଏବଂ ଯଥାକ୍ରମେ ଶତକଡା ୫୯-୯୩% ଏବଂ ୧୭-୨୫% ମଧରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ ) | ମେଘାଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ରାୟଗଡ଼ | ୦୮-୦୩-୨୦୨୪ | ୦ | ୩୫ | ୨୧ | ୪ | ୫୯ | ୨୫ | ୭ | ୧୫୮ |
| | ୦୯-୦୩-୨୦୨୪ | ୪ | ୩୫ | ୨୧ | ୫ | ୭୮ | ୨୨ | ୬ | ୧୬୫ |
| | ୧୦-୦୩-୨୦୨୪ | ୬ | ୩୪ | ୨୦ | ୬ | ୯୩ | ୧୭ | ୭ | ୧୫୮ |
| | ୧୧-୦୩-୨୦୨୪ | ୦ | ୩୫ | ୨୦ | ୧ | ୮୦ | ୧୭ | ୭ | ୧୬୩ |
| | ୧୨-୦୩-୨୦୨୪ | ୦ | ୩୭ | ୨୦ | ୧ | ୭୧ | ୧୭ | ୭ | ୧୯୩ |

**କୃଷିପାଣିପାଗ ଉପଦେଶାବଳୀ**

- ଆଗାମୀ ବର୍ଷା ପାଗକୁ ଦେଖି ଚାଷୀମାନେ ସ୍ୱଳ୍ପ ପାଣିମଡାନ୍ତୁ କିମ୍ବା ବର୍ଷା କୁ ଦେଖି ଦରକାର ହିସାବରେ ପାଣି ମଦାନ୍ତୁ।
- ଚାଷୀମାନେ କୀଟନାଶକ ପ୍ରୟୋଗ ରୁ ବିରାଟ ରୁହନ୍ତୁ, ନଚେତ ଏହା ବର୍ଷା ପାଣିରେ ଧୋଇଯାଇ ଏହାର ପ୍ରଭାବ କମିଯିବ।
- ଗରମ ଦିନରେ କୁକୁଡାଙ୍କୁ ୧୦ % ଅଧିକ ଜାଗା ଉପଲବ୍ଧ କରନ୍ତୁ ଏବଂ ଖରାରେ ପ୍ରଭାବିତ କୁକୁଡାଙ୍କୁ ସଠିକ ଉପଚାର କରନ୍ତୁ।

**ଧାନ:**

- ଧାନରେ ଥୋଡ ବାହାରିବା ସମୟରେ ସେଥିରେ ୨୦କେଜି ଇଉରିୟା ସାର ପକାନ୍ତୁ।
- ଧାନ ଫସଲରେ କାଣ୍ଡବିନ୍ଧା ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଟମାଟୋ**

- ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ **Thiamethoxam** କିମ୍ବା ୨୦୦-ମିଲି **Pyriproxyfen** ନାମକ କୀଟନାଶକ କୁ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଚିନାବାଦାମ:**

- ଚିନାବାଦମ୍ ରେ ଟିକ୍କା ରୋଗର ପରିଚାଳନା ପାଇଁ ଏକର ପ୍ରତି Chlorothalonil **@**୪୦୦-ଗ୍ରାମ  କିମ୍ବା ୬୦୦-ଗ୍ରାମ Mancozeb କିମ୍ବା ୩୦୦-ମି.ଲି Hexaconazole କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆମ୍ବ:**

- ଫଳ ନ ଝଡିବା ପାଇଁ ଚଣା ଅବସ୍ଥାରେ  ଏବଂ ବାଟୁଳି ଅବସ୍ଥାରେ (Marble Stage) ଏନ.ଏ.ଏ ୨୦ ପିପିଏମ (Planofix ୦୪ ମିଲି ପ୍ରତି ଲିଟର) ସିଞ୍ଚନ କରନ୍ତୁ।

**କୁକୁଡା ଚାଷ :**

- ସତେଜ ଲିଟର କୁ ୨ ଇଞ୍ଚ ହିସାବରେ ବିଛାଇ ଦିନକୁ ୨ ରୁ ୩ ଥର ପାଗ ଅଣ୍ଡା ଥିବା ସମୟରେ ଓଲଟାନ୍ତୁ।
- ଗରମ ଦିନରେ ୧୦ **%** ଅଧିକ ଜାଗା  ଦିଅନ୍ତୁ।
- ଅତ୍ୟଧିକ ଗରମରେ ବ୍ୟତିବସ୍ତ ହୋଇଥିବା କୁକୁଡାଙ୍କୁ ତାଙ୍କ ବେକ ଉପରକୁ ରଖି ପାଣିରେ ୨ରୁ ୩ ମିନିଟ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER